# ଖରିଫ ଧାନ ସଂଗ୍ରହ ନେଇ ମନ୍ତ୍ରୀଙ୍କ ସମୀକ୍ଷା




**ଜଗତସିଂହପୁର, ୨୬।୨ (ସମିସ)**

ଖରିଫ ଧାନ ସଂଗ୍ରହ ନେଇ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମୀକ୍ଷା କରିଛନ୍ତି। ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଏହି ବୈଠକ କରିଥିଲେ। ଶ୍ରୀ ପାତ୍ର ଜିଲ୍ଲାରେ ଧାନ ମଣ୍ଡି ଖୋଲିବା ତଥା ଧାନ କିଣା ବିଷୟରେ ସମୀକ୍ଷା କରିଥିଲେ। ଧାନର ଏଫଏକ୍ୟୁ ମାନ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଛନ୍ତି। ତେଣୁ ପ୍ରତ୍ୟେକ ଚାଷୀଭାଇ ମାନେ ଉନ୍ନତ ମାନର ଧାନ ଆଣି ମଣ୍ଡିରେ ଦେବା ସହିତ ସରକାରଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟ ପାଆନ୍ତୁ ବୋଲି ସେ ଯୋଗାଣ ଅଧିକାରୀଙ୍କୁ କହିଥିଲେ। ଚଳିତବର୍ଷ କଟ୍‌ନୀ ଛଟ୍‌ନୀ ପାଇଁ କୌଣସି ସହନଶୀଳତା ନାହିଁ। ଧାନ ସଂଗ୍ରହ ବେଳେ ମିଲର୍‌ମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ମିଲର୍ ଅଭାବରୁ ଧାନ କିଣା ମନ୍ଥର ହୋଇଥିବାରୁ ବାହାର ଜିଲ୍ଲାରୁ ତ୍ୱରିତ ମିଲର ଯୋଗାଇଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଜିଲ୍ଲାର ଯୁବ ଉଦ୍ୟୋଗୀଙ୍କୁ ମଧ୍ୟ ମିଲର ହେବାପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଯୋଗଦେଇ ସାଂସଦ ଜଗତସିଂହପୁର ବିଭୁ ପ୍ରସାଦ ତରାଇ କହିଲେ ଯେ, ଚାଷୀ ମାନଙ୍କ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ସର୍ବଦା ତତ୍ପର ରହିଛି। କୌଣସି ଅସୁବିଧା ର ସମ୍ମୁଖୀନ ହେଲେ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାରେ ଖୋଲା ଯାଇଥିବା ମଣ୍ଡି ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ୨୦୨୫-୨୬ ଖରିଫ୍ ଋତୁ ପାଇଁ ମୋଟ୍ ୪୯୬୮୫ କୃଷକ ପଞ୍ଜୀକୃତ କରିଛନ୍ତି। ଗତ କାଲି ସୁଦ୍ଧା ଜିଲ୍ଲାରେ ସର୍ବମୋଟ୍ ୧୧୩ ଟି ମଣ୍ଡିରେ ୨୦ ଜଣ ମିଲର୍ ଅଂଶ ଗ୍ରହଣ କରି ୬, ୩୯, ୩୨୨.୧୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଛନ୍ତି। ୧୬, ୫୦୨ ଜଣ ଚାଷୀ ଧାନ ବିକ୍ରି କରିସାରିଛନ୍ତି ଓ ସେମାନଙ୍କ ମଧ୍ୟରୁ ୧୪, ୪୫୯ ଜଣ ସରକାରଙ୍କ ନିର୍ଦ୍ଧାରିତ ଏମ୍‌ଏସ୍‌ପି ମୂଲ୍ୟ ପ୍ରାପ୍ତ କରିସାରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ, ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ସହକାରୀ ନିବନ୍ଧକ କୋ ଅପରେଟିଭ ସୋସାଇଟି, ଜିଲ୍ଲା ପଞ୍ଚାୟତ ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ସମସ୍ତ ବିଡିଓ, ମିଲର୍ ଯୋଗ ଦେଇଥିଲେ।

# ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ




**ପାରାଦୀପ, ୨୬।୨(ସମିସ):** ପାରାଦୀପ ସମୁଦ୍ରକୂଳ ବେଳାଭୂମି ବାଲିଯାତ୍ରା ପଡ଼ିଆରେ ରାଜ୍ୟ ସରକାର ଓ ଓର୍‌ମାସର ମିଳିତ ସହଯୋଗରେ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା-୨୦୨୬ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସାଂସଦ ବିଭୂପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ସବ୍ କଲେକ୍ଟର ପ୍ରଶାନ୍ତ ତରାଇ, ଡେପୁଟି ସିଓ ମଧୁସ୍ମିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାଓ ଓ ବିଡିଓ ଦୀପକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳା ୫ ଦିନ ଧରି ଚାଲିବ। ଉଦ୍‌ଘାଟନୀ ସନ୍ଧ୍ୟାରେ ଯଦିଓ ଅଧିକ ଜନ ସମାଗମ ନଥିଲା ତଥାପି ଆଗକୁ ଅଧିକ ଜନ ସମାଗମ ଆଶା କରାଯାଉଛି। ଉଦ୍‌ଘାଟନୀ ମଞ୍ଚ ପରେ ସାଗର କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ଓରମାସ ଅଧୀନରେ ୧୫୦ ରୁ ଅଧିକ ଷ୍ଟଲ ଖୋଲାଯାଇଛି। ସ୍ଥାନୀୟ ଲୋକଙ୍କ ହାତ ତିଆରି ସାମଗ୍ରୀ ସହିତ ଖାଦ୍ୟ ସାମଗ୍ରୀ ଓ ପିଲାଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ଖେଳ ଷ୍ଟଲ ମାନେ ପଡ଼ିଛି।

# ନିଶା ମାଫିଆକୁ କାବୁ କଲା ଅବକାରୀ ବିଭାଗ

**ଜଗତସିଂହପୁର, ୨୬।୨(ସମିସ):** ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚଢ଼ଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଜଗତସିଂହପୁର ଥାନା ଅନ୍ତର୍ଗତ ଲାଲାସାହି ଗ୍ରାମର ଉମେଶ ସିଂ ଙ୍କ ପୁଅ ମଦନ ମୋହନ ସିଂ (୩୪) ଦୀର୍ଘଦିନ ହେବ ବ୍ରାଉନସୁଗର କାରବାର ଲୁଚାଛପାରେ ଚଳାଉଥିବା ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ଅଭିଯୁକ୍ତଙ୍କୁ ପିଛା କରୁଥିବା ବେଳେ ଅଭିଯୁକ୍ତ ଜଣକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟରେ ପଶିଯାଇଥିଲା। ତେବେ ସେଠାରୁ ଅଭିଯୁକ୍ତ ଜଣଙ୍କୁ କାବୁ କରିନେଇଥିଲେ ପିଛା କରୁଥିବା ଟିମ୍। ଯାଞ୍ଚ ପରେ ତା' ନିକଟରୁ ୨୩ ଗ୍ରାମର ହେରୋଇନ ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ହେବ।



ଏହି ଚଢ଼ଉରେ ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାରର ଏଏସ୍‌ଆଇ ସନ୍ତୋଷ ନାୟକ, ଏଏସ୍‌ଆଇ ପିନାକୀ ରଞ୍ଜନ ରାଉତରାୟ, କନଷ୍ଟେବଲ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ। ଗିରଫ ଅଭିଯୁକ୍ତକୁ ଅଦାଲତ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଆଗାମୀ ଦିନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି।

# ସାମ୍ବାଦିକ ନୀଳମଣି ସାହୁଙ୍କ ସ୍ମୃତିଚାରଣ



**ଜଗତସିଂହପୁର, ୨୬।୨(ସମିସ):** ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ଉଉରଶାସନ ପଞ୍ଚାୟତ ନୂଆଗାଁ ଠାରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ନୀଳମଣି ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଭାବେ ଧାନକୁଦ ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ନାରାୟଣ ଜେନା, ଗୀତିକବି ବାବାଜି ଚରଣ ଜେନା, ଗୀତିକବି ବାମଦେବ ସ୍ୱାଇଁ, ଭୁବନେଶ୍ୱର କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ପରମେଶ୍ୱର ଦାସ, ଗଙ୍ଗାଧର ଦାସ, ରବୀନ୍ଦ୍ର ପଲେଇ, ବିନାୟକ ମିଶ୍ର, ଦୀପକ ମହାପାତ୍ର, ଭାରତୀୟ ସାମ୍ବାଦିକ ମହାସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ବିମଳକୃଷ୍ଣ ଥମ୍ବ, ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ ସଭାପତି କାହ୍ନୁଚରଣ ନନ୍ଦ, ଉପସଭାପତି ପ୍ରଦୀପ୍ତ ଚୌଧୁରୀ, ସମ୍ପାଦକ ଆଶୁତୋଷ ବେହେରା, ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ଭରତ ଚନ୍ଦ୍ର ବାରିକ, ବେଣୁଧର ନାୟକ, ପୂର୍ବତନ ସରପଞ୍ଚ ଦିବାକର ସାହୁ, କବି ଖଗେଶ୍ୱର ମହାରଣା, ବାଦଲ ମିଶ୍ର, ସୂର୍ଯ୍ୟମଣି ଶତପଥୀ, ବିଭୁପ୍ରସାଦ ଦାଶ, ବିକ୍ରମ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଆଇନଜୀବୀ ଡକ୍ଟର ବୀରନାରାୟଣ ପାତ୍ର ସଭା ପରିଚାଳନା କରିଥିଲେ। ସେହିପରି କବି ପୀତାମ୍ବର ମହାପାତ୍ରଙ୍କ ସଂଯୋଜନାରେ ଏବଂ ତାଙ୍କ ଦ୍ୱାରା ସମ୍ପାଦିତ 'ତୁମେ ହିଁ ନୀଳମଣି' ପୁସ୍ତକକୁ ଲୋକାର୍ପଣ କରାଯାଇଥିଲା। ପ୍ରାରମ୍ଭରେ କବି ଶ୍ରୀ ମହାପାତ୍ରଙ୍କ ପରିଚାଳନାରେ ଶ୍ରୀମଦ୍ ଭଗବତ ଗୀତା ପାରାୟଣ କରାଯାଇଥିବା ବେଳେ ରବୀନ୍ଦ୍ର ନାଥ ମିଶ୍ର, ଅମରେଶ ପଣ୍ଡା, ସୌମେନ୍ଦ୍ର ମହାପାତ୍ର ପ୍ରମୁଖ ଭଗବତ ଗୀତା ପଠନ କରିଥିଲେ। ସ୍ୱର୍ଗତ ସାହୁଙ୍କ ସାନଭାଇ ରାଜକିଶୋର ସାହୁ, ନଳିନୀକାନ୍ତ ସାହୁ, ଜ୍ୱାଇଁ ଅଶୋକ କୁମାର ଓଝା, ବଳରାମ ସାହୁ, ସମ୍ପଦ କୁମାର ସାହୁ, ଦୀପ୍ତି ପ୍ରିୟଦର୍ଶିନୀ, କ୍ଷଣପ୍ରଭା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶ୍ୱିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ, ସୁଯୋଗ ନେବାକୁ ଆହ୍ୱାନ

**ଜଗତସିଂହପୁର, ୨୬।୨(ସମିସ):** ଜଗତସିଂହପୁର ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ୧୪ ତାରିଖରେ ସମସ୍ତ ଅଦାଲତ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ), ମୋଟର ଦୁର୍ଘଟଣା ଦାବି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରିରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବିଏସ୍‌ଏନ୍‌ଏଲ୍, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ, ସାଲିସ୍ ଯୋଗ୍ୟ ଟ୍ରାଫିକ ଚାଲାଣ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୁଡାନ୍ତ ଏବଂ ଅମଳ ଯୋଗ୍ୟ, ଯଦି କୌଣସି ବିଚାରାଧୀନ ମୋକଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ କୁହାଯାଇଛି।

# ଟ୍ରାକ୍ଟର ଚୋରି ଘଟଣାରେ ୨ ଗିରଫ, ଟ୍ରାକ୍ଟର ଜବତ



**ନାଉଗାଁ, ୨୬।୨(ସମିସ):** ଟ୍ରାକ୍ଟର ଚୋରି ଘଟଣାରେ ୨ଜଣଙ୍କୁ ଗିରଫ କରିଛି ନାଉଗାଁ ତାନା ପୁଲିସ। ଏଥିସହ ୨ଟି ଚୋରି ଟ୍ରାକ୍ଟରକୁ ଜବତ କରିଛି। ଗତ କିଛିଦିନ ତଳେ ନାଉଗାଁ ଥାନା ଅଞ୍ଚଳର ହରିନବାଇ ଗ୍ରାମର ଅନୀଲ କୁମାର ମୁଦୁଲିଙ୍କର ଏକ ଟ୍ରାକ୍ଟର ଗତ ୧୮ ତାରିଖରେ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ସେ ଏ ନେଇ ଏକ ଲିଖିତ ଅଭିଯୋଗ ନାଉଗାଁ ଥାନାରେ କରିଥିଲେ। ପୁଲିସ ଅଭିଯୋଗ ଆଧାରରେ କେସ୍ ନମ୍ବର ୫୬/୨୦୨୬ ଦାୟର କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଦୁଇ ଅଭିଯୁକ୍ତ ନିଆଳି ଥାନା ଅଠାନ୍ତର ଗ୍ରାମର କବି ମୁଦୁଲିଙ୍କ ପୁଅ ଚିନ୍ମୟ ମୁଦୁଲି ଓ ଚାରିଛକ ଥାନା ଅଞ୍ଚଳର ନୂଆପାଟଣା ଗ୍ରାମର ନୃସିଂହ ଲେଙ୍କାଙ୍କ ପୁଅ ଶଶୀକାନ୍ତ ଲେଙ୍କାକୁ ପୁଲିସ ଗିରଫ କରିଛି। ଏଥିସହିତ ଚୋରି ହୋଇଥିବା ଟ୍ରାକ୍ଟର ଓ ଏଥିରେ ବ୍ୟବହୃତ ୨ଟି ବାଇକ୍‌କୁ ଜବତ କରିଥିଲା ପୁଲିସ। ଅପରପକ୍ଷେ ଦୁଇ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ନାଉଗାଁ ଥାନା ଅଧିକାରୀ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି।

## କୁଜଙ୍ଗକୁ ଏନ୍‌ଏସି ଘୋଷଣା ଦାବି

# ଆଜି ଜିଲ୍ଲାପାଳଙ୍କୁ ଭେଟିବ ସଚେତନ ନାଗରିକ ମଞ୍ଚ

**କୁଜଙ୍ଗ, ୨୬।୨(ସମିସ):** ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ନୂଆ ଏନ୍‌ଏସି ଘୋଷଣା କରିଥିବା ବେଳେ କୁଜଙ୍ଗ ଏଥିରୁ ବାଦ୍ ପଡ଼ିଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିନେଇ ଗଠିତ କୁଜଙ୍ଗ ସଚେତନ ନାଗରିକ ମଞ୍ଚର ଶତାଧିକ ଜନତା ଆସନ୍ତା କାଲି ଜଗତସିଂହପୁର ଜିଲ୍ଲାପାଳଙ୍କୁ ଭେଟି ଏନ୍‌ଏସି ଘୋଷଣା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବେ ବୋଲି ମଞ୍ଚ ପକ୍ଷରୁ ଘୋଷଣା କରାଯାଇଛି। ବୁଧବାର ସ୍ଥାନୀୟ ଲୋକନାଥ ଭବନଠାରେ ମଞ୍ଚର ବୈଠକ ବସିଥିଲା। ମଞ୍ଚ ଆବାହକ ଡକ୍ଟର ରଘୁନାଥ ସାହୁ ସୂଚନା ଦେଇଥିଲେ ଯେ, ଆସନ୍ତା ଶୁକ୍ରବାର ଶହଶହ କୁଜଙ୍ଗବାସୀ ଜଗତସିଂହପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବେ।

ସୂଚନା ଯୋଗ୍ୟ, ପୂର୍ବ ନବୀନ ପଟ୍ଟନାୟକ ସରକାର କୁଜଙ୍ଗକୁ ଏନ୍‌ଏସି ଘୋଷଣା କରିଥିଲେ। ତେବେ ସାଧାରଣ ନିର୍ବାଚନରେ ମୋହନ ଚରଣ ମାଝୀଙ୍କ ସରକାର ଆସିବା ପରେ କୁଜଙ୍ଗକୁ ଅଣଦେଖା କରାଯାଇଛି। କୁଜଙ୍ଗକୁ ଏନ୍‌ଏସି ଘୋଷଣା ଦାବିରେ ପାଞ୍ଚ ମାସ ତଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇ କୁଜଙ୍ଗ ତହସିଲ ଘେରାଉ କରାଯାଇଥିଲା। ଏପରିକି କୁଜଙ୍ଗ ବନ୍ଦ ଡାକରା ଦିଆଯାଇ ଥିବାରୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆନ୍ଦୋଳନକାରୀଙ୍କ ସହିତ ପାରାଦୀପ ସର୍କିଟ୍ ହାଉସ ଠାରେ ଆଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତ ଅଧିବେଶନ ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଠିକ୍ ହୋଇ ସରକାରଙ୍କୁ ପ୍ରଦାନ କରାଯିବା ପରେ ଆସନ୍ତା ତିନି ମାସ ମଧ୍ୟରେ ଏନ୍‌ଏସି ଘୋଷଣା କରାଯିବାକୁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତି ମଧ୍ୟରେ ପାଞ୍ଚମାସ ବିତି ଯାଇଛି। କୁଜଙ୍ଗର ଭିତ୍ତିଭୂମି ଓ ଯୋଗ୍ୟତା ଥାଇ ସମସ୍ତ ଆବଶ୍ୟକ କାଗଜ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି ବୋଲି ବ୍ଲକ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। କାଗଜପତ୍ର କାମ ଶେଷ ହୋଇଥିବାବେଳେ କାହିଁକି କୁଜଙ୍ଗକୁ ଏନ୍‌ଏସି ଘୋଷଣା କରାଯାଉନି ବୋଲି ପ୍ରଶ୍ନ କରିଛନ୍ତି କୁଜଙ୍ଗବାସୀ। ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ପରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ବୁଧବାର ମଞ୍ଚ ବୈଠକରେ କୁଜଙ୍ଗ ଓକିଲ ସଂଘ ସମ୍ପାଦକ ବ୍ରଜକିଶୋର ରାଉତ, ଯୁବନେତା ସୁବାଷ ମହାପାତ୍ର, ସୌଭାଗ୍ୟ ବିଶ୍ୱାଳ, ସୁଶାନ୍ତ ଦାସ, ବିକ୍ରମ ନାରାୟଣ ଦାସ, ଅରୁ ପ୍ରସାଦ ମହାନ୍ତି, ଦିଲ୍ଲୀପ ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚ ସଭାପତି ବାବୁରାମ ଚୌଧୁରୀ, ରଶ୍ମୀରଞ୍ଜନ ଦାସ, ଦୀପୁ ରାଉତ, ବରିଷ୍ଠ କବି ପୀତାମ୍ବର ତରାଇ, ରଞ୍ଜିତ ପଣ୍ଡା, ଦୁଷ୍ମନ୍ତ ମାଝୀ ଓ ଆଇନଜୀବୀ ରଞ୍ଜିତ ବିଶ୍ୱାଳ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ।

# ମାନସିକ ବିକୃତ ଯୁବକଙ୍କୁ ନିସ୍ଠୁକ ମାଡ଼

**ପାରାଦୀପ, ୨୬।୨(ସମିସ) :** ବର୍ବରତାର ସୀମା ଟପିଲେ ଯୁବକ। ନିଶାସକ୍ତ ଯୁବକଙ୍କ ସମ୍ମୁଖରେ ନାଚିଲାନି ବୋଲି ଜଣେ ମାନସିକ ବିକୃତ ଯୁବକକୁ ନିର୍ଘାତ ମାଡ଼ ମାରିବା ସହିତ ଭିଡିଓ ଉତ୍ତୋଳନ କରି ଏହାକୁ ବିଭିନ୍ନ ଗ୍ରୁପରେ ଭାଇରାଲ କରିଛନ୍ତି। ଏଭଳି ଅଭାବନୀୟ ଅମାନୁଷିକ କାର୍ଯ୍ୟ ଘଟିଛି ପାରାଦୀପ ଷଣ୍ଢକୁଦ ବସ୍ତି ଅଞ୍ଚଳରେ। ମାନସିକ ବିକୃତ ଯୁବକ ଜଣଙ୍କ ଗତ କିଛି ବର୍ଷ ହେଲା ଷଣ୍ଢକୁଦ ବସ୍ତି ଅଞ୍ଚଳରେ ଘୂରି ବୁଲୁଥିବା ବେଳେ କେତେବେଳେ କେମିତି ବାହାରେ ଶୁଖୁଥିବା ଡ୍ରେସ୍ ଗୁଡ଼ିକ ଉଠାଇ ନିଅନ୍ତି। ଯେହେତୁ ତାଙ୍କର ମାନସିକ ବିକୃତି ରହିଛି,



ତେଣୁ ଲୋକମାନେ ତାକୁ କିଛି କୁହନ୍ତି ନାହିଁ। ହେଲେ ସ୍ଥାନୀୟ କିଛି ଯୁବକ ତାଙ୍କୁ ଏକ ଘରେ ପୂରାଇ ପାଖାପାଖି ଦୁଇ ଘଣ୍ଟା କାଳ ଏକ ତାର କେବୁଲ୍ ଓ ବାଡ଼ି ସାହାଯ୍ୟରେ ବାଡ଼େଇବା ସହିତ ବିଧା ଗୋଇଠା ମଧ୍ୟ ମାରୁଥିବା ଭିଡିଓଏବେ ମୋବାଇଲରେ ଘୂରି ବୁଲୁଥବାର ଦୃଶ୍ୟ ଦେଖିବାକୁ ମିଳିଛି। ଏଭଳି ଘଟଣା କେଉଁଦିନ ଘଟିଛି ତାହା ସ୍ୱଷ୍ଟ ହୋଇନଥିଲେ ମଧ୍ୟ ଆଜି ସକାଳୁ ଏହାର ଦୁଇଟି ଭିଡିଓ ବିଭିନ୍ନ ହ୍ୱାଟ୍ସ ଆପ ଗ୍ରୁପରେ ଦେଖିବାକୁ ମିଳିଛି। ପ୍ରାୟ ସବୁଦିନ ଉକ୍ତ ଯୁବକମାନେ ମାନସିକ ବିକୃତ ଯୁବକକୁ ଦୀର୍ଘ ସମୟଧରି ନାଚିବା ପାଇଁ ବାଧ କରିଥାନ୍ତି। କିନ୍ତୁ ଘଟଣା ଦିନ ସିଏ ନ ନାଚିବାରୁ ତାକୁ ଅକଥନୀୟ ନିର୍ଯାତନା ଦିଯାଇଛି। ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ପୁଲିସ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

# ଶିକ୍ଷାର ବିକାଶ ପାଇଁ ସମର୍ପିତ ଥିଲେ କ୍ଷୀତିନ୍ଦ୍ର ନାଥ

**କୁଜଙ୍ଗ, ୨୬।୨(ସମିସ):** କୁଜଙ୍ଗ ବ୍ଲକ ଗୋରଡ଼ ପରି ନିପଟ ମଫସଲ ଅଞ୍ଚଳରେ ଷାଠିଏ ଦଶକରେ ଶିକ୍ଷାର ବିକାଶ ତଥା ଅଞ୍ଚଳର ବିକାଶ ପାଇଁ ଯେଉଁ କେତେକ ଦୃଢ଼ମନା ବ୍ୟକ୍ତି ସମର୍ପିତ ହୋଇ ଜୀବନ ଯୌବନ ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରେ କ୍ଷୀତିନ୍ଦ୍ର ନାଥ ବିଶ୍ୱାଳ ଥିଲେ ଅନ୍ୟତମ। ଗୋରଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକରୂପେ ସ୍ୱର୍ଗତ କ୍ଷୀତିନ୍ଦ୍ର ନାଥ ବିଶ୍ୱାଳଙ୍କ ସେବା ଓ ସଂକଳ୍ପର ପଟାନ୍ତର ନାହିଁ ବୋଲି ତାଙ୍କ ୯୫ ତମ ଜନ୍ମ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଏହି ସ୍କୁଲ୍‌ର ୧୯୮୫ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ତରଫରୁ ବିଦ୍ୟାଳୟ ପରିସରରେ ନିର୍ମିତ ଶ୍ରୀ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିସହ ପୂଜ୍ୟ ପୂଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନିଲ୍



କୁମାର ବିଶ୍ୱାଳ, ବିନୋଦ କୁମାର ରଥ, ସର୍ବେଶ୍ୱର ସେଠୀ, ରଶ୍ମିତା ରାଉତ, ମାଗୁଣୀ ଚରଣ ସେଠୀ, କିଶୋର ସ୍ୱାଇଁ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଯୋଗଦାନ କରି ପୂର୍ବତନ ଆଦର୍ଶ ପ୍ରଧାନ ଶିକ୍ଷକଙ୍କ ଉକ୍ତ ବିଦ୍ୟାଳୟ ପ୍ରତି ଅବଦାନ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ସ୍ନେହ ଶ୍ରଦ୍ଧା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ କ୍ଷୀତିନ୍ଦ୍ର ନାଥ ବିଶ୍ୱାଳଙ୍କ ଆଦର୍ଶରେ ଛାତ୍ରଛାତ୍ରୀ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ ଅତିଥିମାନେ।

# ଦୁଷ୍କର୍ମ ଓ ହତ୍ୟାର ଶିକାର ଯୁବତୀଙ୍କ ପରିବାରକୁ ନ୍ୟାୟ ଦାବିରେ ମହମବତି ଶୋଭାଯାତ୍ରା

**ତିର୍ତ୍ତୋଲ, ୨୬।୨(ସମିସ)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର ପଞ୍ଚାୟତର ଯୁବତୀ ପାରାଦୀପ ଠାରେ ଦୁର୍ଷ୍କମ ଓ ହତ୍ୟାର ଶିକାର ଯୁବତୀଙ୍କ ପରିବାକୁ ନ୍ୟାୟ ଦାବିରେ ଆଜି ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ଓ ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟିର ମିଳିତ ଉଦ୍ୟମରେ ମହମବତି ଶୋଭାଯାତ୍ରା କରାଯାଇଛି। ଏଥିସହିତ ଦିବଂଗତ ଛାତ୍ରୀର ଆତ୍ମର ସଦ୍‌ଗତି କାମନା କରାଯାଇଥିଲା। ଏ ନେଇ କୁମାର ଉତ୍ସବ ପଡ଼ିଆଠାରୁ ନେହୁରୁ ପଡ଼ିଆ ପର୍ଯ୍ୟନ୍ତ ମହବତୀ ଶୋଭାଯାତ୍ରା ହୋଇଥିଲା। ଏଥିରେ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ ସାମିଲ ହୋଇ ଏହି ସମ୍ବେଦନଶୀଳ ଘଟଣାର ସଠିକ୍ ତଦନ୍ତ ସହ ସମସ୍ତ ଦୋଷୀ ଙ୍କୁ ମୃତ୍ୟୁ ଦଣ୍ଡ ଦେବାକୁ ଦାବି କରିଥିଲେ। ଜିଲ୍ଲା ରେ ନିଖୋଜ ଝିଅ ଓ




ଯୁବତୀମାନଙ୍କୁ ଉଦ୍ଧାର କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ଦାବି କରିଥିଲେ। ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ଅଶ୍ୱିନୀ ସ୍ୱାଇଁ, ସାଧାରଣ ସମ୍ପାଦକ ଶୁଭନାରାୟଣ ନାୟକ, ସମ୍ପାଦକ ସରୋଜୀନି ପରିଜା, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ, ଉପ ସଭାପତି ଜିତେନ୍ଦ୍ର ମହାନ୍ତି, ଅନୁସୂୟା ପ୍ରଧାନ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ଶଶଧର ମଲ୍ଲିକ, କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ କଂଗ୍ରେସ କର୍ମୀ ମାନେ ସାମିଲ ହୋଇଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଢେଙ୍କାନାଳ,୨୬ ।୨(ସମିସ): ନିତି ଆୟୋଗର ଏକ ଆକାଂକ୍ଷୀ ବ୍ଲକ ଭାବରେ ପରିଗଣିତ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକରେ ବ୍ଲକସ୍ତରୀୟ ନିରନ୍ତର ବିକାଶ ଲକ୍ଷ୍ୟ ଏସଡିଜିଏସ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅର୍ଥନୀତିଜ୍ଞ ଡ. ଛାୟାକାନ୍ତ ମିଶ୍ର ପ୍ରଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ନିରନ୍ତର ବିକାଶ ଲକ୍ଷ୍ୟ ଏସଡିଜିଏସର ଗୁରୁତ୍ୱ, ବ୍ଲକ ସ୍ତରରେ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନଗୁଡ଼ିକର ଆବଶ୍ୟକତା ଓ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସର ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ପୂର୍ବତନ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ସମସ୍ତ ବ୍ଲକ ଅଧିକାରୀଙ୍କୁ ପରସ୍ପର ସମନ୍ୱୟରେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଅଧିକାରୀ ନିଜ କ୍ଷେତ୍ରରେ ଦାୟିତ୍ୱବୋଧ ସହ କାର୍ଯ୍ୟ କଲେ ବ୍ଲକର ଉନ୍ନତି ସୁନିଶ୍ଚିତ ହେବ ବୋଲି ସେ କହିଥିଲେ। କଙ୍କଡ଼ାହାଡ଼ ବିଡିଓ ଯଶୋବନ୍ତ ଦେହୁରୀ ଉଦଘାଟନୀ ଓ ପରିଚୟାତ୍ମକ ଉଦବୋଧନ ଦେଇ କହିଲେ ଯେ ଦାରିଦ୍ର୍ୟ ହ୍ରାସ, ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ପୋଷଣ ଏବଂ ଜୀବିକା ବିକାଶ ସମ୍ପୃକ୍ତ କାର୍ଯ୍ୟକଳାପଗୁଡ଼ିକୁ ବ୍ଲକ ସ୍ତରରେ ଯଥାର୍ଥ ଭାବେ କାର୍ଯ୍ୟାନ୍ୱୟନ କରାଗଲେ ଏସଡିଜିଏସ ଲକ୍ଷ୍ୟ ପ୍ରାପ୍ତି ସମ୍ଭବ। ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟ, ତଥ୍ୟ ଆଧାରିତ ପରିକଳ୍ପନା ଓ ସମୁଦାୟର ସକ୍ରିୟ ଅଂଶଗ୍ରହଣ ନିତାନ୍ତ ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ଡିପିଏମୟୁର ମାଇକ୍ରୋ ପ୍ଲାନର ଓ ଜୀବିକା ବିଶେଷଜ୍ଞ ସସ୍ମିତା ବରାଳଙ୍କ ଦ୍ୱାରା ବ୍ଲକ ସ୍ତରରେ ଏସଡିଜି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଏବଂ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଏବଂ ସେଗୁଡ଼ିକ ଏସଡିଜି ସହ କିପରି ସମ୍ପୃକ୍ତ ରହିଛି ସେ ବିଷୟରେ ଆଲୋଚନା କରାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ଟିମ ଆକ୍ଟିଭିଟି ମାଧ୍ୟମରେ ବ୍ଲକ ଉନ୍ନୟନ ପାଇଁ କାର୍ଯ୍ୟ ପରିକଳ୍ପନା ପ୍ରସ୍ତୁତ କରାଯାଇଥିଲା। ଡିପିଏମୟୁ ଢେଙ୍କାନାଳ ଅର୍ଥ ବିଶେଷଜ୍ଞ ସୁନୀଲ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏବିଡିଓ ଶୁଚିସ୍ମିତା ନାୟକ, ବ୍ଲକ ବିକାଶ ଅଧିକାରୀ ହରେକୃଷ୍ଣ ନାୟକ, ଆସ୍ପିରେସନ ବ୍ଲକ ଫେଲୋ ସନ୍ଦିପ୍ତ ସାହୁ ଓ ଆଭା ଫାଉଣ୍ଡେସନର ରାଜେଶ ମିଶ୍ର ଯୋଗଦେଇଥିଲେ।

# ଗେଙ୍ଗୁଟିଆ ଗ୍ରାମରେ ବାଦୀପାଲା



ଢେଙ୍କାନାଳ,୨୬ ।୨(ସମିସ): ସଦର ବ୍ଲକ ଗେଙ୍ଗୁଟିଆ ଗ୍ରାମରେ ଚଳିତବର୍ଷ ୧୮ ୯ତମ ବାଦୀପାଲା ଗତ ୨୪ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଓଡ଼ିଶାର ସୁନାମଧନ୍ୟ ଗାୟକ ରସସାଗର ବସନ୍ତ କୁମାର ବେହେରା ଓ ଗାୟକ ସମ୍ରାଟ କାଳୁଚରଣ ଦାସଙ୍କ ଦ୍ୱାରା ପାଲା ପରିବେଷଣ ହେଉଛି। ପ୍ରତ୍ୟେକ ସନ୍ଧ୍ୟା ସାଢ଼େ ୭ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେଉଛି। ଗେଙ୍ଗୁଟିଆ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ସତ୍ୟନାରାୟଣଜୀଉଙ୍କ ୩୬୫ ଦିନ ବର୍ଷସାରା ଶିରିଣି ଭୋଗ ହୁଏ। ବୈଦିକ ପୁରକ ନର ନନ୍ଦ ଓ ସୁଶାନ୍ତ ରଥ ଶ୍ରୀଜୀଉଙ୍କ ପୂଜାପାଠ କରନ୍ତି। ପାଳାର ଅନ୍ତିମ ପର୍ଯ୍ୟାୟ ଆସନ୍ତା ୧ ତାରିଖ ମହାଶିରିଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଗ୍ରାମବାସୀ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିତରଣ କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମ୍ୟ କମିଟି ମାର୍ଗଦର୍ଶନରେ ଶୃଙ୍ଖଳା କମିଟି ଅଧ୍ୟକ୍ଷ ପୂର୍ବତନ ସଦର ବ୍ଲକ ଉପାଧ୍ୟକ୍ଷ ନରୋତ୍ତମ ସାହୁ, ଗ୍ରାମ୍ୟ କମିଟି ସମ୍ପାଦକ ପ୍ରଦୀପ କୁମାର ମଲ୍ଲିକ ଓ ଅନ୍ୟ ସକ୍ରିୟ ସଦସ୍ୟମାନେ ପରିଚାଳନା କରୁଛନ୍ତି।

# ମା' ତାରିଣୀଙ୍କ ୭ମ ବାର୍ଷିକ ଜନ୍ମୋତ୍ସବର ପୂର୍ଣ୍ଣାହୁତି



ଢେଙ୍କାନାଳ,୨୬ ।୨(ସମିସ): ସ୍ଥାନୀୟ ଶାସନ ଛକ ଠାରେ ଥିବା ମା' ତାରିଣୀ ଦେବୀଙ୍କର ୭ମ ବାର୍ଷିକ ଉତ୍ସବର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଅଛି। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋ-ପୂଜା, ଗୁରୁପୂଜା, ଚତୁର୍ଦ୍ଧାମୂର୍ତ୍ତି ପୂଜା, ମଣ୍ଡଳାଦି ପୂଜା, ଅଗ୍ନି ସଂସ୍କାର ଓ ବିଭିନ୍ନ ଭୋଗ ସହ ପଣା ଲାଗି କରାଯାଇଥିଲା। ମଧ୍ୟାହ୍ନ ସମୟରେ ୨୦୦୦ ଭକ୍ତ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ କାଣ୍ଡବିନ୍ଧାର ଜୟ ଦୁର୍ଗା ସଙ୍କୀର୍ତ୍ତନ ମଣ୍ଡଳୀ, ଛାଟିଆର ସତ୍ୟନାରାୟଣ ସଙ୍କୀର୍ତ୍ତନ ମଣ୍ଡଳୀ, ବେଗୁନିଆର ମା' ଅଖାରୀ ସଙ୍କୀର୍ତ୍ତନ ମଣ୍ଡଳୀ, ଡୋଲପସିର ମା' ବ୍ରାହ୍ମଣୀଦେବୀ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତନ କରାଯାଇଥିଲା। ମନ୍ଦିର ପୂଜକ ବାବୁଲି ଭାଇନା, ଯଜ୍ଞ ପୂଜକ କବି ରୁଦ୍ରନାରାୟଣ କବିଶତପଥୀ, କର୍ତ୍ତା ସଦାନନ୍ଦ ବେହେରା ଓ କର୍ତ୍ତୀ ସୁଲୋଚନା ବେହେରା ସମସ୍ତ ପୂଜାକୁ ସମ୍ପନ୍ନ କରିଥିଲେ। ସଭାପତି ଶରତ ବେହେରା, ସମ୍ପାଦକ ନକୁଳ ବେହେରା, କୋଷାଧ୍ୟକ୍ଷ ଲାଲି ବେହେରାଙ୍କ ସହିତ କର୍ମକର୍ତ୍ତା ରତ ମହାନ୍ତି, ଦିଲୁ ବେହେରା, ଲକ୍ଷ୍ମୀକାନ୍ତ ମେହେର, ପବିତ୍ର ବେହେରା, ସମୀର ବେହେରା, ଟିକି ସାହୁ, ଅମରେନ୍ଦ୍ର ସାହୁ, ଟୁନା ବେହେରା, କାଳିଆ ବେହେରା ଓ ରଞ୍ଜିତ ନାୟକ ପ୍ରମୁଖଙ୍କ ସମେତ ଶାସନ ଛକର ଭକ୍ତମାନେ ସହଯୋଗ କରିଥିଲେ।

# ସଖୀ କେନ୍ଦ୍ର ପରିଦର୍ଶନ କଲେ ସ୍ୱତନ୍ତ୍ର ସଚିବ



ଢେଙ୍କାନାଳ,୨୬ ।୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ କାର୍ଯ୍ୟ କରୁଥିବା ସଖୀ ୱାନ ଷ୍ଟପ୍ ସେଣ୍ଟରର କାର୍ଯ୍ୟକାରିତା ଅନୁଧ୍ୟାନ କରିଛନ୍ତିଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ। କେନ୍ଦ୍ରର ସମସ୍ତ ବିଭାଗ ବୁଲି ଦେଖିବା ସହ ଏହାର ପରିଚାଳନାସମ୍ପର୍କରେତଦାରଖକରିଥିଲେ। ମୁଖ୍ୟତଃ ଅଞ୍ଚଳରେ ମହିଳାଙ୍କ ସାମାଜିକ ସ୍ଥିତି, ସୁରକ୍ଷା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବାଲ୍ୟବିବାହର କାରଣ ଏବଂ ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ସ୍ୱତନ୍ତ୍ର ସଚିବଙ୍କ ସହ ଢେଙ୍କାନାଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, କାମାକ୍ଷାନଗର ବିଡିଓ ପ୍ରଭୁକଲ୍ୟାଣ ଦାସ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଦିଗମ୍ବର ସାହୁ ଏବଂ ଉପଖଣ୍ଡ ଡାକ୍ତରଖାନାର ଜୁନିୟର ମ୍ୟାନେଜର ରଶ୍ମିପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଶୋଭାର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର କେନ୍ଦ୍ରର କାର୍ଯ୍ୟଧାରା ଏବଂ ମହିଳାମାନଙ୍କୁ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ନିର୍ଯାତିତା ମହିଳାଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ଏବଂ କେନ୍ଦ୍ରର ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ଦେଖି ସ୍ୱତନ୍ତ୍ର ସଚିବ ସନ୍ତୋଷ ପ୍ରକାଶ କରିଥିଲେ।

# ସାମାଜିକ ସୁରକ୍ଷା ଦିବସରେ ଯୋଗ ଶିବିର



ଢେଙ୍କାନାଳ,୨୬ ।୨(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ପ୍ରକୋଷ୍ଠରେ ଅନ୍ତର୍ଜାତୀୟ ସାମାଜିକ ସୁରକ୍ଷା ଦିବସ ପାଳିତ ହୋଇଛି। ଏହି ଅବସରରେ ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସକାଳ ୬ଟାରେ ଶତାଧିକ ବରିଷ୍ଠ ନାଗରିକଙ୍କୁ ନେଇ ଏକ ଯୋଗ ଶିବିର ଆୟୋଜିତ ହୋଇଛି। ଭାରତୀୟ ଯୋଗ ସଂସ୍ଥାନର ଜିଲ୍ଲା ପ୍ରମୁଖ ସୁଶୀଲ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରକୁ ରଘୁନାଥ ତ୍ରିପାଠୀ ଏବଂ ଡ. ନୀରଦ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ। ସଂସ୍ଥାନର ଉପଦେଷ୍ଟା ତଥା ବରିଷ୍ଠ ସାଧକ ବସନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମନ୍ଦିରର ରତ୍ନମୁଦ

ଢେଙ୍କାନାଳ,୨୬ ।୨(ସମିସ): ସ୍ଥାନୀୟ ମୀନାବଜାର ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ମା' ରାଜଲକ୍ଷ୍ମୀ ଓ ଶ୍ରୀ ଦୋଳଗୋବିନ୍ଦଜୀଉଙ୍କ ନିର୍ମାଣାଧୀନ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ



ଗରୁବାର ସୁଦଶାବ୍ରତ ତଥା ଫଗୁଦଶମୀରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଅନୁଷ୍ଠିତ ହୋଇଛି। ଏଥିରେ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ କରାଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ଜିତେନ୍ଦ୍ର ଦାସ ଓ ରବି ନନା ପୂଜାକାର୍ଯ୍ୟ, ପୁଷ୍ପାଞ୍ଜଳି ଓ ରତ୍ନମୁଦ ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ନରେନ୍ଦ୍ର କୁମାର ସାହୁ, ମୁଖ୍ୟ ଶିଳ୍ପୀ ରମେଶ ମହାରଣା ସହାୟତା କରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ପୂଜା କମିଟି ସଭାପତି ରବିନାରାୟଣ ମହାନ୍ତି, ଟ୍ରଷ୍ଟ ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ, ଟ୍ରଷ୍ଟ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରାଙ୍କ ଉପସ୍ଥିତିରେ ପୂଜାକମିଟି କାର୍ଯ୍ୟକାରୀ ସଭାପତି ନୀରୋଦ କୁମାର ସାହୁ ଓ ସମ୍ପାଦକ ପୀତବାସ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଲୀପ କୁମାର ସାହୁ, ଶ୍ରୀକାନ୍ତ କୁମାର ମହାପାତ୍ର, ଉଦୟନାଥ ବେହେରା, ବୀରବର ସାହୁ, ଦୟାନିଧି ବେହେରା, ହେମନ୍ତ କୁମାର ପଟ୍ଟନାୟକ, ଗୋପାଳ ପାତ୍ର, ଜି. କେଶବ ରାଓ, ଲୋକନାଥ ମହାପାତ୍ର, ସୌମ୍ୟରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ଦେବତା, ଗିରିଜା ଶଙ୍କର ସାହୁ, ସୁଧାଂଶୁ କୁମାର ସାହୁ, ଦାମ ରଣା, ସୁବ୍ରତ କୁମାର ସାହୁ, ପୂର୍ବତନ ସମ୍ପାଦକ ମନ୍ମଥ ରାଓ, ପୂର୍ବତନ ସଭାପତି ଅଭିମନ୍ୟୁ ବେହେରା, ପ୍ରଭାତ ଦଳେଇ, ରାଜେନ୍ଦ୍ର ହିନ୍ଦୋଚା, ଯଶୋବନ୍ତ ପଟ୍ଟନାୟକ, ଭରତ ହିନ୍ଦୋଚା, ପ୍ରଫୁଲ୍ଲ କୁମାର ସାହୁ ଓ ଚିଲା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚରାତ୍ର ପାରାୟଣ ପ୍ରବଚନ ଉଦଯାପିତ

ଢେଙ୍କାନାଳ,୨୬ ।୨(ସମିସ): ଓଡ଼ାପଡ଼ା ବ୍ଲକ୍ ସିମିନଇ ଗ୍ରାମ ଯାତ୍ରା ପଡ଼ିଆ ଜଗନ୍ନାଥ ମଣ୍ଡପ ପରିସରରେ ଆୟୋଜିତ ପଞ୍ଚରାତ୍ର ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ ଗୁରୁବାର ଉଦଯାପିତ ହୋଇଛି।



ଏହି କାର୍ଯ୍ୟକ୍ରମ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିଲା। ପୂର୍ଣ୍ଣାହୁତି ପରେ ଭକ୍ତମାନେ ପ୍ରସାଦସେବନ କରିଥିଲେ। ସିମିନଇ ଓ ଦାଣ୍ଡିମାଳ ଅଞ୍ଚଳର ଭକ୍ତଜନଙ୍କ ଦ୍ୱାରା ପ୍ରତ୍ୟହ ସକାଳ ୬ଟାରୁ ବିଷ୍ଣୁ ସହସ୍ର ନାମ ପାଠ, ଶ୍ରୀଜଗନ୍ନାଥ ସହସ୍ର ନାମ ପାଠ, ଗୀତା, ପୁରାଣ ପାଠ, ପୂର୍ବାହ୍ନ ୧୦ଟାରେ ହୋମଯଜ୍ଞ ହୋଇଥିଲା। ସନ୍ଧ୍ୟା ୭ଟାରେ ଭଜନ କୀର୍ତ୍ତନ ଆରମ୍ଭ ହୋଇ ରାତି ୮ଟାରୁ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରବଚକ ସିଆରିଆ ମଠର ବାବା ସଦାନନ୍ଦ ଦାଶ, ପଣ୍ଡିତ ବସନ୍ତ କୁମାର ପଣ୍ଡା, ପୁରୀର ରତ୍ନାକର ନାୟକ, ପୁରୀ ଆଦିତ୍ୟ ବାହିନୀର ମାତୃପ୍ରସାଦ ମିଶ୍ର ଓ ଗଦାଶିଳା ଚେତନା କଳା ବିକାଶ କେନ୍ଦ୍ର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ■ ବାଇକ୍ ଧକ୍କାରେ ବୃଦ୍ଧ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକ

ହିନ୍ଦୋଳ,୨୬ ।୨(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଖଜୁରିଆକଟା ନିକଟରେ ବୁଧବାର ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଥିଲେ। ସେ ହେଲେ ଠୋକର ଗ୍ରାମର ଗଙ୍ଗାଧର ନାଏକ (୬୫)। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଗୁରୁବାର ଠୋକରଠାରେ



ରାସ୍ତା ଅବରୋଧ କରିଥିଲେ। ଫଳରେ କିଛି ସମୟ ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା।

# ସାଂସଦଙ୍କ ସଞ୍ଜପଡ଼ା ପାକ୍ସ ପରିଦର୍ଶନ

ହିନ୍ଦୋଳ,୨୬ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଳିବେରେଣା ସ୍ଥିତ ସଞ୍ଜପଡ଼ା ପ୍ରାଥମିକ ସମବାୟ ସମିତି ଲିଃକୁ ଗୁରୁବାର ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଆସି ପରିଦର୍ଶନ କରିଛନ୍ତି। ସାମ୍ପ୍ରତିକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକ କଲ୍ୟାଣ ନିମିତ୍ତ ବହୁ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ ଏହାର ସଫଳ ରୂପାୟନର ବାସ୍ତବତାକୁ ପରକ୍ଷିଛନ୍ତି ସାଂସଦ। ଗୁରୁବାର ଦିନିକିଆ ହିନ୍ଦୋଳ ଗସ୍ତରେ ଆସି ସଞ୍ଜପଡ଼ା ସମବାୟ ସମିତି ନିକଟରେ ପହଞ୍ଚିବା ପରେ ସମବାୟ ସମିତିର ଅଧ୍ୟକ୍ଷ ସୁଶିଲ ନାଥଙ୍କ ସମେତ ସମିତିର ସମସ୍ତ ସଦସ୍ୟା / ସଦସ୍ୟ ଓ ବହୁ କୃଷକ ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ସେଠାରେ ଉପସ୍ଥିତ କର୍ମଚାରୀମାନଙ୍କ ସହ ଧାନ ମଣ୍ଡି ସମ୍ପର୍କରେ ଆଲୋଚନା କରିବା ପରେ ଉପସ୍ଥିତ ଶତାଧିକ ମାନଙ୍କର ବିଭିନ୍ନ ସମସ୍ୟା ଶୁଣି ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କ ସହ ଆଲିଚନା କରି ମଣ୍ଡି ଧାନ କିଣା ସମସ୍ୟା



ଦୁରକରିବାକୁ ଫୋନରେ ଆଲୋଚନା କରିଥିଲେ। ଏହି ଅବସରରେ ଆମନା, ସଞ୍ଜପଡ଼ା, ଖଳିବେରେଣା ଆଦି ଗ୍ରାମଦେଇ ଆସିବା ସମୟରେ ବହୁ ଜନସାଧାରଣ ସେମାନଙ୍କର ସମସ୍ୟା ନେଇ ଆପତ୍ତି ଅଭିଯୋଗ ଜଣାଇଥିଲେ। ଏହା ପରେ ରଘୁନାଥପୁରରେ ହାତୀ ଆକ୍ରମଣରେ ମୃତ ନିତ୍ୟାନନ୍ଦ ପାତ୍ରଙ୍କ ପରିବାର ବର୍ଗ ଏବଂ ନୂଆଗାଁ କିଛି ଦିନ ପୂର୍ବରୁ ହାତୀ ଆକ୍ରମଣରେ ମୃତ ସଂସାରି ଗଡନାୟକଙ୍କ ପରିବାରକୁ ଭେଟି କିଛି ଆର୍ଥିକ ସହଯୋଗ ଯୋଗାଇଦେଇଥିଲେ। ଏହି ଗ୍ରାମଗୁଡ଼ିକ ଟାଟା କମ୍ପାନିର ପଛପାଖ ପାର୍ଶ୍ୱବର୍ତ୍ତି ଗ୍ରାମ ହୋଇଥିବାରୁ ସ୍ଥାନିୟ ଅଞ୍ଚଳରେ ଆଲୋକିକରଣ ଓ ଜଳ ଯୋଗାଣ ବ୍ୟବସ୍ଥା ନେଇ ଥିବା ଅସୁବିଧା ସମ୍ପର୍କରେ ବିଷଦ ଆଲୋଚନା କରି ଏହାର ସୁସମାଧାନ ତୁରନ୍ତ କରାଇବାକୁ କମ୍ପାନି କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ମଣ୍ଡଳ ସଭାପତି ରବିନ ବାରିକ, ସରପଞ୍ଚ ହରପ୍ରିୟା ସେନାପତି, ସମିତି ସଭ୍ୟ ରିତୁ ସାହୁ, ଗାଲପଡ଼ା ସରପଞ୍ଚ ନର୍ମଦା ସେଠୀ, ଦଳିୟ ନେତ୍ରୀ ସୁନିତା ନାଥ, ଦୀପକ ବେହେରା, ଯଶୋବନ୍ତ ରଣଜିତ୍ ରାୟ, ଜିତୁରଞ୍ଜନ ବେହେରା, ରୋହିତ ବେହେରା, ଗିରିଷ ସେଠି, ରଘୁନାଥ ମହାପାତ୍ର, ବାନାମ୍ବର ପତି, ସନ୍ତୋଷ ସାହୁ, ଗୌତମ ସାହୁ, ସୁଜିତ ବାରିକ, ଦୁଷ୍ମନ୍ତ ଧର ପ୍ରମୁଖ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବିନୋଦ ଭବନ କ୍ଲବର ନୂତନ କର୍ମକର୍ତ୍ତା



ଢେଙ୍କାନାଳ,୨୬ ।୨(ସମିସ): ସ୍ଥାନୀୟ ବସଷ୍ଟାଣ୍ଡ ନିକଟସ୍ଥିତ ଢେଙ୍କାନାଳର ସର୍ବପୁରାତନ କ୍ଲବ ବିନୋଦ ଭବନ କ୍ଲବର ସାଧାରଣ ବୈଠକ କ୍ଲବର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭାରେ କ୍ଲବର ପ୍ରାୟ ୪୫ ଜଣସଦସ୍ୟ ଉପସ୍ଥିତ ରହିଥିଲେ। ସାଧାରଣ ବୈଠକରେ କ୍ଲବର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ସବୁ ବର୍ଷ ଭଳି ଚଳିତ ବର୍ଷ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ଚୟନ ପ୍ରକିୟାରେ ପୂର୍ବ ବର୍ଷର ସଦସ୍ୟ ମାନେ ଅପରିବର୍ତ୍ତିତ ରହି ସଭାପତି ଭାବେ ଡ. ଅକ୍ଷୟ କୁମାର ମହାନ୍ତି, ଉପ ସଭାପତି ଭାବେ ଅଭିଜିତ ବରାଳ, ସଚିବ ଭାବେ ବିଶ୍ୱଜିତ ସେନ, ଯୁଗ୍ମ ସଚିବ ଭାବେ ମନୋରଞ୍ଜନ ପଟ୍ଟନାୟକ ଓ ବିକ୍ରମ ପ୍ରତାପ ମିଶ୍ର, କୋଷାଧକ୍ଷ ଭାବେ ସନ୍ତୋଷ କୁମାର ମହାପାତ୍ର ନିଜର ପଦ ବଜାୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ଲବର ସଭାପତି ଓ ସଚିବ ସମସ୍ତ ସଭ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ବିନୋଦ ଭବନର କିଭଳି ଉର୍ନତି ମୂଳକ କାର୍ଯ୍ୟ କରାଯିବ ସେଥିପାଇଁ ବିଭିନ୍ନ ପ୍ରସ୍ତାବ ମକ୍ଷନ ଆଗତ ହୋଇ ଥିଲା। ଏହି ଅବସରରେ ସଭାପତି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ଗଡ଼ଖଙ୍କିରାରେ ଫଗୁଦଶମୀ

ଗଁଦିଆ,୨୬ ।୨(ସମିସ): ଗଁଦିଆ ବ୍ଲକ୍ ଗଡ଼ଖଙ୍କିରା ଗ୍ରାମରେ ପବିତ୍ର ଫଗୁଦଶମୀ ପର୍ବ ପାଳିତ ହୋଇଛି। ଦେଶକୋଠ, ତାରିଣୀ ମନ୍ଦିର ବିମାନ, ବ୍ରହ୍ମସାହି ବିମାନ, ଗୋପାଳ ତଥା



ଯାଦବ ସଂଘ ବିମାନ ପଟୁଆରରେ ଆସି ଘରକୁ ଘର ବୁଲି ଗ୍ରାମ୍ୟ ପରିକ୍ରମା କରିଥିଲେ। ଭଜନ କୀର୍ତ୍ତନ ଓ ନାନାଦି ଅବିର ରଙ୍ଗରେ ରଙ୍ଗାୟିତ ହୋଇଥିଲେ ଗ୍ରାମବାସୀ। ଦୋଳଯାତ୍ରାର ପ୍ରାଥମିକ ପର୍ବ ଫଗୁଦଶମୀ ପଳାଶ ଫୁଲର ରକ୍ତିମ ଆଭାକୁ ଆଲିଙ୍ଗନ କରି ବସନ୍ତର ରାଗିଣୀକୁ ଜନମାନସରେ ଭକ୍ତିଭାବକୁ ଏକତା ଭାବ ସୃଷ୍ଟି କରାଇଥିଲା। ରାଧାକୃଷ୍ଣଙ୍କର ଜୟ ଜୟକାରରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା।

# ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନାରେ ତ୍ରୁଟି

## ■ ଅଭିଭାବକ ଓ ଅଞ୍ଚଳବାସୀଙ୍କ ଅସନ୍ତୋଷ

ଢେଙ୍କାନାଳ,୨୬ ।୨(ସମିସ): ଓଡ଼ାପଡ଼ା ବ୍ଲକ୍ ସିମିନଇ ଗ୍ରାମରେ ଅବସ୍ଥିତ +୩ ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନାରେ ତ୍ରୁଟିକୁ ନେଇ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମହାବିଦ୍ୟାଳୟରେ ଦୀର୍ଘଦିନ ହେବ କୌଣସି ପରିଚାଳନା କମିଟି ନାହିଁ। ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ଓ ସରକାରଙ୍କ ଦ୍ୱାରା ଦାୟିତ୍ୱ ବହନ କରୁଥିବା ଉପ ଜିଲ୍ଲାପାଳଙ୍କ ଅଣଦେଖା ହେତୁ ଅଧ୍ୟାପକମାନେ ସଠିକ୍ ସମୟରେ ଆସୁ ନ ଥିବା ଅଭିଯୋଗ ହେଉଛି। ଅଧିକାଂଶ ଅଧ୍ୟାପକ ମଧ୍ୟାହ୍ନ ୧୨ଟା ପରେ ମହାବିଦ୍ୟାଳୟରେ ରହୁନାହାନ୍ତି କିମ୍ବା ଅଧ୍ୟାପନା କରୁନାହାନ୍ତି। ଏପରିକି ଜଣେ ଅଧ୍ୟାପକ ପରୀକ୍ଷା ଦାୟିତ୍ୱରେ ଥାଇ କାମାକ୍ଷାନଗର ଯାଉଥିବା ନେଇ ଅଧ୍ୟକ୍ଷଙ୍କୁ ପଚାରିବାରୁ ପାଟିତୁଣ୍ଡ, ଗଣ୍ଡଗୋଳ କରି ଚୌକି ଫୋପଡ଼ା ମଧ୍ୟ ହୋଇଛି। ଏ ସଂକ୍ରାନ୍ତରେ ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଅଞ୍ଚଳର ଅଭିଭାବକ, ବୁଦ୍ଧିଜୀବୀ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ସୋଲାର ଜଳ ପ୍ରକଳ୍ପ ପ୍ଲାଷ୍ଟିକ ଟାଙ୍କି ଫାଟି ଆଁ କରିଛି

# ପାନୀୟ ଜଳ ପାଇପାରୁନାହାନ୍ତି ଗ୍ରାମବାସୀ

ଭୁବନ,୨୬ ।୨(ସମିସ):





ଆସିଲାଣି ଗ୍ରୀଷ୍ମଋତୁ। ଦେଖାଦେଲାଣି ପାନୀୟ ଜଳ ସଙ୍କଟ। ତେବେ ସୋଲାର ଜଳପ୍ରକଳ୍ପ ପ୍ଲାଷ୍ଟିକ ଟାଙ୍କି ଫାଟିଯାଇଥିବାରୁ ପାଣି ସବୁ ବୋହିଯାଉଛି। ଟାଙ୍କିରେ ପାଣି ଗଚ୍ଛିତ ରହୁ ନ ଥିବାରୁ ଲୋକେ ପାଇପାରୁନାହାନ୍ତି। ଏପରି ସମସ୍ୟା ଦେଖିବାକୁ ମିଳିଛି ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ପଞ୍ଚାୟତ ବାସୁଦେଇପୁର ଦେହୁରୀ ସାହିରେ। ଦେହୁରୀ ସାହିରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ଏକମାତ୍ର ନଳକୂପ ଅଚଳ ହେବାପରେ ପ୍ରଶାସନ ତରଫରୁ ସ୍ଥାପନ କରାଯାଇଥିଲା ସୋଲାର ଜଳ ପ୍ରକଳ୍ପ। ସାହି ବାସିନ୍ଦାଙ୍କୁ ମିଳିଥିଲା ପାନୀୟ ଜଳ। ମାତ୍ର ଆଜକୁ ୬ ମାସ ହେଲା କାଳବୈଶାଖିରେ ଟାଙ୍କି ଉଡ଼ିଯାଇଥିଲା। ସାହି ବାସିନ୍ଦା ଟାଙ୍କିକୁ ଉଦ୍ଧାର କରି ଖଞ୍ଜିଥିଲେ। କିନ୍ତୁ ଟାଙ୍କି ଫାଟି ଯାଇଥିବାରୁ ପାଣି ସବୁ ବୋହିଯାଉଛି। ଯଦି ପ୍ରଶାସନ ନୂଆ ଟାଙ୍କିଟିଏ ଯୋଗାଇ ଦିଅନ୍ତେ ତେବେ ସାହି ବାସିନ୍ଦାଙ୍କ ପାଣି ସମସ୍ୟା ଦୂର ହୁଅନ୍ତା। ସେହି ବସ୍ତିରେ ଥିବା ଅନ୍ୟ ଏକ ବୋର ୱେଲରୁ କେବଳ ବୋର ଅଛି, ଟାଙ୍କି ନାହିଁ କି ମେସିନ ନାହିଁ। ଖୁବଶୀଘ୍ର ସାହି ବାସିନ୍ଦାଙ୍କ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି ବିଡିଓ ଆୟୁଷୀ ମହାପାତ୍ର।

# ହାତୀ ଆକ୍ରମଣରେ ଯୁବକ ମୃତ

ହିନ୍ଦୋଳ/ଖଜୁରିଆକଟା,୨୬ ।୨(ସମିସ): ହାତୀ ଆକ୍ରମଣରେ ମୋଟଙ୍ଗା ଥାନା ନଗାରି ଗ୍ରାମର କଷ୍ଟୁ ବେହେରା (୪୫)ଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତି ପ୍ରାୟ ୨ଟାରେ କଷ୍ଟୁ ପରିସ୍ରା କରିବା ପାଇଁ ବାହାରକୁ ଆସିଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଡରେ କଚାଡ଼ି ଦେଇଥିଲା। ଖବର ପାଇ ଓଡ଼ାପଡ଼ା ବନପାଳ ସୁବାସ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି କଷ୍ଟୁଙ୍କୁ ଗୁରୁତର ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଂସଦ ରୁଦ୍ରନାରାୟଣ ପାଣି ମୃତଙ୍କ ପରିବାରଙ୍କୁ ସମବେଦନା ଜଣାଇବା ସହ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କୁ ଫୋନ ଯୋଗେ ଅନୁରୋଧ କରିଛନ୍ତି। ଓଡ଼ାପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଦୀର୍ଘବର୍ଷ ଧରି ହାତୀପଲଙ୍କ ଦ୍ୱାରା ଧନଜୀବନ ହାନି ହେଉଥିବା ବେଳେ ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀ ଆତଙ୍କରେ କାଳ କାଟୁଛନ୍ତି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

